# ହମ୍‌ସଫର ଏକ୍ସପ୍ରେସ୍‌ରେ ନିଆଁ; ବର୍ତ୍ତିଗଲେ ଯାତ୍ରୀ



## ୩ ଘଣ୍ଟା ଅଟକିଲା ଟ୍ରେନ୍

ରମ୍ଭା,୧୬।୭(ସମିସ): ବୁଧବାର ରମ୍ଭା ରେଳ ଷ୍ଟେସନରେ ବଡ଼ ଅଘଟଣରୁ ଅଳ୍ପକେ ଯାତ୍ରୀମାନେ ବର୍ତ୍ତି ଯାଇଛନ୍ତି। ବୁଧବାର ଅପରାହ୍ନ ୩ଟା ବେଳେ ବାଙ୍ଗାଲୋର- ଅଗରତାଲା ହମ୍‌ସଫର ସୁପରଫାଷ୍ଟ ଯାତ୍ରୀବାହୀ ଟ୍ରେନ ଚଳନ୍ତା ଅବସ୍ଥାରେ ରମ୍ଭା ରେଲୱେ ଷ୍ଟେସନ ନିକଟରେ ଟ୍ରେନର ବି-୧୮ ବଗି ରେଳ ଚକା ତଳ ଗ୍ୟାସ ପାଇପରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ରମ୍ଭା ରେଲୱେ ଷ୍ଟେସନ କର୍ମଚାରୀମାନେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଟ୍ରେନ୍ ଡ୍ରାଇଭରଙ୍କୁ ସୂଚନା ଦିଆଯିବାରୁ ଏକ ବଡ଼ ଅଘଟଣ ଟଳି ଯାଇଥିଲା। ଚାଳକ ତତ୍‌କ୍ଷଣାତ୍ ଟ୍ରେନ୍‌କୁ ରମ୍ଭା ଷ୍ଟେସନରେ ଅଟକାଇଦେଇଥିଲେ। ପୁଲିସ କର୍ମଚାରୀ ଓ ରେଳ କର୍ମଚାରୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ବି-୧୮ ବଗିରେ ବସିଥିବା ଶହ ଶହ ଯାତ୍ରୀ ବଗି ବାହାରକୁ ଆସି ନିଜ ଜୀବନ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। କେଉଁ କାରଣରୁ ନିଆଁ ଲାଗିଥିଲା ତାହା ଜଣାପଡିନି। ଟ୍ରେନଟି ସନ୍ଧ୍ୟା ୬.୩୦ ମିନିଟ ସମୟରେ ଛାଡିଥିବା ଜଣାପଡିଛି। ୩ଘଣ୍ଟା ବିଳମ୍ବ ଯୋଗୁ ଯାତ୍ରୀ ନାହିଁ ନଥିବା ହୀନସ୍ତା ହୋଇଥିଲେ।

# ମୋ ବସ୍-ଅଟୋ ମୁହାଁମୁହିଁ; ୫ ଆହତ

ଶେରଗଡ଼,୧୬।୭(ସମିସ): ବୁଧବାର ସକାଳେ ମୋ ବସ୍ ସହ ଯାତ୍ରୀବାହୀ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ୫ ଜଣ ଆହତ ହୋଇଛନ୍ତି। ବୁଧବାର ସଂକ୍ରାନ୍ତି ଥିବାରୁ କୁମାରପାଣି ପଞ୍ଚାୟତ ପାତ୍ରଢେପ ଗ୍ରାମର ଆକୁଳ ସେଠୀ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କୁ ଧରି ନିଜ ଅଟୋରେ କରଡ଼ାକଣା ଉଦୟନାଥ ମନ୍ଦିରକୁ ଦର୍ଶନ ଲାଗି ଯାଇଥିଲେ। ଦର୍ଶନ ସାରି ଫେରୁଥିବା ବେଳେ ପୂର୍ବରୁ କୁମାରପାଣି ଗ୍ରାମର ଦିଲ୍ଲୀପ ନାଇକଙ୍କ ଜ୍ୱାଇଁ ବରୁଣଙ୍କ ସହିତ ବରୁଣଙ୍କ ଦୁଇ ଶାଳୀ ଚାନ୍ଦିନୀ ଓ ସୁଜତା ମଧ ଉଦୟନାଥଙ୍କ ଦର୍ଶନ ସାରି ସମସ୍ତେ ଏକତ୍ର ଭାବେ ଆକୁଳଙ୍କ ଅଟୋ (ନଂ.ଓଡି୦୭ଏ-୨୩୨୬)ରେ ଘରକୁ ଫେରୁଥିଲେ। ଫେରିବା ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ମୋ ବସ୍ (ନଂ.ଓଡି୩୨କେ-୧୪୨୩) ସହ ଲାଉଗୁଡା ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ପରେ ସ୍ଥାନୀୟ ବାସିନ୍ଦା ଆହତଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ବରୁଣ ଏବଂ ଆକୁଳଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ଖବର ଲେଖା ହେବା ବେଳକୁ ଥାନାରେ କୌଣସି ଏତଲା ହୋଇନଥିବା କଥା ଜଣାପଡିଛି।

# ଚକାଫାଟି ଘରକୁ ଧକ୍କାଦେଲା କାର୍; ଜଣେ ମୃତ



ଆସିକା,୧୬।୭(ସମିସ): ଆସିକା ବ୍ଲକ କୋଟିନଡ଼ା ଥାନା ଅନ୍ତର୍ଗତ କେ.ନୂଆପଲ୍ଲୀ ଛକରେ ବୁଧବାର ସକାଳୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି।

ରାସ୍ତାରେ ଯାଉଥିବା ଏକ କାର୍‌ର ଚକ ଫାଟିଯିବାରୁ ଭାରସାମ୍ୟ ହରାଇ ଘର ଭିତରେ ପଶିଯାଇଛି। ଏଥିରେ କାର୍‌ରେ ଥିବା ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଖାରିଆ ଗ୍ରାମର ଧୋବା ମହାନ୍ତି(୫୭)। ଦୁର୍ଘଟଣାରେ ଘରର ବାରଣ୍ଡା ଭାଙ୍ଗି ଯାଇଛି। ସେହିପରି କାର୍‌ରେ ବସିଥିବା ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। କାର୍‌ଟି ସମ୍ବଲପୁରରୁ ସିଆଳିଆ ଗାଁକୁ ଯାଉଥିଲା। ଗୁରୁତର ମାନଙ୍କୁ ପ୍ରଥମେ ଆସିକା ଓ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗୁରୁତର ଦୁଇ ଜଣ ହେଲେ ଧୀରେନ୍ଦ୍ର କୁମାର ସ୍ୱାଇଁ, ସୁନିତା ସ୍ୱାଇଁ ଓ ପାଞ୍ଚ ବର୍ଷ ନାବାଳକ ଦିବ୍ୟ ଶଙ୍କର ସ୍ୱାଇଁ ଗୋଟିଏ ପରିବାର ହୋଇ ଥିବା ବେଳେ ଅନ୍ୟ ଜଣେ ହେଲେ କାର୍ତ୍ତିକ ମହାନ୍ତି। ତେବେ ଦୁଇ ଜଣ ଧୀରେନ୍ଦ୍ର ଓ କାର୍ତ୍ତିକଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ; ସ୍ୱାମୀ ଗିରଫ

ବେଲଗୁଣ୍ଠା,୧୬।୭(ସମିସ): ବେଲଗୁଣ୍ଠା ଥାନା ଅନ୍ତର୍ଗତ ନାୟକପଡ଼ା ଗ୍ରାମର ବାପୁନି ବେହେରାଙ୍କ ସ୍ତ୍ରୀ ଲକ୍ଷ୍ମୀ ବେହେରା (୨୧)ଙ୍କୁ ଯୌତୁକ ଦାବିରେ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଲକ୍ଷ୍ମୀଙ୍କ ବାପ ଘର ଜଗନ୍ନାଥପ୍ରସାଦ ଅନ୍ତର୍ଗତ ଛାମୁଣ୍ଡା ହୋଇଥିବା ବେଳେ ଶାଶୁଘର ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ନାୟକପଡ଼ା। ଲକ୍ଷ୍ମୀଙ୍କ ଅଭିଯୋଗ ପ୍ରକାରେ ସେ ତିନି ମାସ ତଳେ ବାପୁନୀକୁ ବିବାହ କରିଥିଲେ ଓ ବିବାହ ପରେ ବାପୁନୀ ଲକ୍ଷ୍ମୀଙ୍କୁ ନେଇ ସୁରଟ୍ ଚାଲିଯାଇଥିଲା। ଲକ୍ଷ୍ମୀ ତାର ସମ୍ବଳ ମୁତାବକ ବିବାହ ସମୟରେ ଯୌତୁକ ଆଣିଥିବା ବେଳେ ସେଠାରେ ସେ ଲକ୍ଷ୍ମୀକୁ ବାପଘରୁ ଅଧିକ ଯୌତୁକ ଆଣିବାକୁ ନିର୍ଯାତନା ଦେବା ସହିତ ତାଙ୍କ ସମସ୍ତ ସୁନା ଅଳଙ୍କାରକୁ ବିକ୍ରି କରିଦେଇଥିଲା। ବର୍ତ୍ତମାନ ଲକ୍ଷ୍ମୀ ଗର୍ଭବତୀ ଥିବାବେଳେ ବାପୁନୀ କିଛିଦିନ ତଳେ ତାଙ୍କୁ ନେଇ ଗାଁକୁ ଫେରିଛି। ଗତ ୧୩ ତାରିଖରେ ବାପୁନୀ ଲକ୍ଷ୍ମୀକୁ ଧରି ତାର ମାଉସୀ ଘର ଖଜୂରିପଲ୍ଲୀକୁ ଯାଇଥିଲା। ୧୪ ତାରିଖ ଦିନ ଆଧାରକାର୍ଡ ସଂଶୋଧନ କରାଇବାକୁ କହି ବାପୁନୀ ଲକ୍ଷ୍ମୀକୁ ନିମପଦର୍ ନେବା ସହିତ ସେଠାରୁ ଏକ ଘଞ୍ଚ କାଜୁ ଜଙ୍ଗଲ ଭିତରକୁ ନେଇ ମରଣାନ୍ତକ ଆକ୍ରମଣ କରିଥିଲା। ଲକ୍ଷ୍ମୀ ସେଠାରୁ ଜୀବନ ବଞ୍ଚାଇ ପଳାଇଆସି ବେଲଗୁଣ୍ଠା ଥାନାରେ ଅଭିଯୋଗ କରିଥିଲା। ଲକ୍ଷ୍ମୀ ନିଜ ଶାଶୁ ଅହଲ୍ୟା ବେହେରା ଏବଂ ସ୍ୱାମୀ ବାପୁନୀ ନାମରେ ଅଭିଯୋଗ କରିଥିବା ବେଳେ ବେଲଗୁଣ୍ଠା ଥାନାରେ ଏକ ମାମଲା ରୁଜୁ କରାଯାଇ ସ୍ୱାମୀ ବାପୁନିକୁ କୋର୍ଟଚାଲାଣ କରାଯାଇଥିବା ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର କହିଛନ୍ତି।

### ବାଲେଶ୍ୱର ଛାତ୍ରୀ ଆତ୍ମହତ୍ୟା ଘଟଣା

# ଛତ୍ରପୁରରେ ପ୍ରତିବାଦ ଓ କ୍ୟାଣ୍ଡେଲ ଶୋଭାଯାତ୍ରା



ଛତ୍ରପୁର,୧୬।୭(ସମିସ): ବାଲେଶ୍ୱର ଏଫ୍.ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତିର ତାତି ଛତ୍ରପୁରରେ ଅନୁଭୂତ ହୋଇଛି। ବୁଧବାର ବିଜେଡି ବାଲେଶ୍ୱର ଓ ରାଜଧାନୀରେ ଗର୍ଜିଥିବାବେଳେ ଗୁରୁବାର ଓଡିଶା ବନ୍ଦ ଡାକରା ଦିଆଯାଇଛି। ଏହାର ପ୍ରଭାବ ଗଂଜାମ ଜିଲ୍ଲାର ସଦରମହକୁମା ଛତ୍ରପୁର ସହରରେ ମଧ ଦେଖିବାକୁ ମିଳିଛି। କଂଗ୍ରେସ, ସିପିଆଇ, ଫରୱାର୍ଡ ବ୍ଲକ, ଏଆଇଏସଏଫ, ଏସଏଫଆଇ ଅନ୍ୟାନ୍ୟ ଦଳର ଛାତ୍ର, ଯୁବକ ଏବଂ ମହିଳା ମାନେ ଏକତ୍ରିତ ହୋଇ ରାଜ୍ୟସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଥିଲେ। ଛାତ୍ରୀ ଆତ୍ମହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ମହିଳା ସୁରକ୍ଷା ନିମନ୍ତେ ଦାବି କରିଥିଲେ। ଏନେଇ ସ୍ଥାନୀୟ ଅପରବସଷ୍ଟାଣ୍ଡ ଠାରୁ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ବାହାରି ଛତ୍ରପୁର ସହର ପରିକ୍ରମା କରିଥିଲେ। ଓଡିଶା ବନ୍ଦରେ ସାମିଲ ହେବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ.ନାରାୟଣ ରେଡ୍ଡୀ, ନାରୀନେତ୍ରୀ ଏନ.ଭାନୁମତୀ ରେଡ୍ଡୀ, ଜିଲ୍ଲା ସହ-ସମ୍ପାଦକ ନୀଳକଣ୍ଠ ଦାଶ, ଜିଲ୍ଲା ନେତା ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଛତ୍ରପୁର ଜୋନାଲ ସମ୍ପାଦକ ଡି.ଆଦିନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ.ଗିରିଜା ପ୍ରସାଦ ରେଡ୍ଡୀ, ଚିଙ୍କରା ବେହେରା, ଝୁଲି ବେହେରା, ଏନ.ମୁନାପାତ୍ର, କଂଗ୍ରେସ ର ଛତ୍ରପୁର ବିଧାୟକ ପ୍ରାର୍ଥୀ ଭାଗିରଥୀ ବେହେରା, କାଳିଆ ରାଉଳ, ପୂର୍ବତନ ସରପଞ୍ଚ ଟି.କ୍ରିଷ୍ଣା ରେଡ୍ଡୀ ଓ ଡି.ରାମସ୍ୱାମୀ ରେଡ୍ଡୀ ଏବଂ ଫରୱାର୍ଡ ବ୍ଲକର ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ସମେତ ବହୁ ଛାତ୍ର, ଯୁବକ ଓ ମହିଳା ସାମିଲ ଥିଲେ।

# ଜିଲ୍ଲାପାଳଙ୍କୁ ଭେଟିଲେ ହୁଣ୍ଡତ ଗ୍ରାମବାସୀ

## ବିଭିନ୍ନ ସମସ୍ୟାର ସମାଧାନ ଦାବି



ଛତ୍ରପୁର,୧୬।୭(ସମିସ): ନଦୀ କୂଳଘାଇ ଖସଡାରେ ଗୋଡ ଖସି ମହିଳାଙ୍କ ମୃତ୍ୟୁ ହୋଇଥିବା ଯୋଗୁଁ ସେଠାରେ ପାହାଚ ନିର୍ମାଣ ସକାଶେ ପୁରୁଷୋତ୍ତମପୁର ଥାନା ହୁଣ୍ଡତ ଗ୍ରାମବାସୀ ବୁଧବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ହୁଣ୍ଡତ ଗ୍ରାମ ନିକଟରେ ଋଷିକୂଲ୍ୟା ନଦୀ ଅଛି। ସେହି ନଦୀରେ କୂଳଘାଇ ତିଆରି ହୋଇସାରିଛି। ଫଳରେ ନଦୀକୁ ଯିବା ପାଇଁ ରାସ୍ତା ବହୁତ ଉଚ୍ଚତା ଏବଂ ବର୍ଷାଦିନରେ ଖସଡା ହୋଇଯାଏ । ଏହାଦ୍ୱାରା ଗ୍ରାମର ପଦ୍ମାସେଠୀ (୫୦) ଗାଧେଇବାକୁ ଗଲା ବେଳେ ଗତ୧୪ ତାରିଖ ଦିନ ଗୋଡ ଖସି ମୃତ୍ୟୁବରଣ କରିଥିଲେ। କୂଳଘାଇରେ ପାହାଚ ନିର୍ମାଣ କରିବା ନିମନ୍ତେ ପୂର୍ବରୁ ବହୁଥର ଜଳସେଚନ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ ଗ୍ରାମବାସୀଙ୍କ ହିତ ନିମନ୍ତେ ଯାଥା ଶୀଘ୍ର ପାହାଚ ନିର୍ମାଣ କରିବା ନିମନ୍ତେ ସେମାନେ ଏକ ଲିଖିତ ଦାବିପତ୍ର ଗଂଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ପ୍ରଦାନ କରିଛନ୍ତି। ଦାବି ପତ୍ର ପ୍ରଦାନ ବେଳେ ଚନ୍ଦ୍ରଶେଖର ପାଢି, ଦୁର୍ଗା ପ୍ରସାଦ ପାଢିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଦିଗପହଣ୍ଡି,୧୬।୭(ସମିସ): ଦିଗପହଣ୍ଡି ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବନପାଳ ସନ୍ତୋଷ କୁମାର ବିଷୋୟୀ ରତ୍ନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନରକ୍ଷୀ ପ୍ରମୋଦ କୁମାର ସ୍ୱାଇଁ, ଦିଗପହଣ୍ଡି ସିଆରସିସି ଅନୀଲ କୁମାର ଦାସ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଜଗଦୀଶ ସାହୁ, କାଳୀଚରଣ ନାୟକ, ଅଜିତ ପଣ୍ଡା, କ୍ରୀଡା ଶିକ୍ଷକ ବାପୁନ୍ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁ , ଲତିକା ଦେବୀ, ସୁଜାତା ପାଢୀ, ଅରୁନ୍ଧତୀ ପଦ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଦିଗପହଣ୍ଡି




ବ୍ଲକ ବାସୁଦେବପୁର ପଞ୍ଚାୟତ ବଡବୁରୁଡ଼ା ଓ ସାନବୁରୁଡ଼ା ଗ୍ରାମ ସ୍ଥିତ ଶବରୀ ମାତା ଆଶ୍ରମରେ ବୁଧବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ପ୍ରତିଷ୍ଠାତା ଶ୍ରୀକାନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ରେଞ୍ଜର ଦିବ୍ୟ ରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ବନପାଳ ସନ୍ତୋଷ ବିଷୋୟୀ ରତ୍ନ, ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପ୍ରାୟ ୫ ଶହ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ପଙ୍କଜ ଭୂୟାଁ, କାଳୁ ଚରଣ ବିଷୋୟୀ, ମଦନ ଗୋପାଳ ଦୋରା, ସଂଗ୍ରାମ ପାଢ଼ୀ, ବିପ୍ର ମଲ୍ଲିକ, ନକୁଳ ମଲ୍ଲିକ, ଡମ୍ବୁର ମଲ୍ଲିକ, ଉଜ୍ଜଳ ମଲ୍ଲିକ, କଳ୍ପନା ବିଷୋୟୀ, ଦେବାଶିଷ ସାହୁ, ଅଶୋକ ମାଳି, ଆଶିଷ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ ଆଇନ ସଚେତନତା କାର୍ଯ୍ୟକ୍ରମ

କୁକୁଡାଖଣ୍ଡି,୧୬।୭(ସମିସ): କୁକୁଡାଖଣ୍ଡି ବ୍ଲକ ବାଲିପଡା ସ୍ଥିତ ମହୁରୀ କାଲୁଆ ଜୁନିୟର କଲେଜରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ "ସାପ କାମୁଡାର ପ୍ରାଥମିକ ଚିକିତ୍ସା ଓ ବନ୍ୟପ୍ରାଣୀ ଆଇନ" ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ଅଧକ୍ଷ ଡ. ପ୍ରସନ୍ନ କୁମାର ବିଷୋୟୀ, ସମ୍ମାନିତ ଅତିଥି ଭାବେ ଅଧାପକ ଉମେଶ କୁମାର ପାତ୍ର, ଏ. ସତ୍ୟ ନାରାୟଣ ସେନାପତି, ତ୍ରିପତି ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ୧୦ଜଣ ସର୍ପ ଉଦ୍ଧାରକଙ୍କୁ ସମ୍ମାନିତ କରାଯାଇଥିଲା। ବ୍ରହ୍ମପୁର ସବୁଜବାହିନୀ କୋଷାଧକ୍ଷ ଏମ. ଦିଲ୍ଲୀପ କୁମାର ମଞ୍ଚ ପରିଚାଳନା କରିଥିବା ବେଳେ ଷ୍ଟେପ ଅନ ନେଚରର ସଂଯୋଜକ ସ୍ୱାଧୀନ ସାହୁ ପ୍ରଶିକ୍ଷକ




ଭାବେ ଯୋଗ ଦେଇଥିଲେ। ଏଥିରେ ଆଞ୍ଚଳିକ ବିକାଶ ପରିଷଦର ବିଜେନ୍ଦ୍ର ମାଝୀ, ଧର୍ମରାଜ ପାତ୍ର, ନଳିନୀକାନ୍ତ ପରିଡା, ସବୁଜ ବାହିନୀର ଏ. ପ୍ରକାଶ, ଗଣେଶ ପାଣିଗ୍ରାହୀ, ଅରବିନ୍ଦ ଦେଶୀବେହେରା, ଷ୍ଟେପ ଅନ ନେଚରର ଶ୍ରୀକାନ୍ତ ନାହାକ, ସନ୍ଦୀପ ସେଠୀ, ତାରା ପ୍ରସାଦ ଦାଶ, ତ୍ରିଲୋଚନ ନାୟକ ସହଯୋଗ କରିଥିଲେ।

# ଶୁଣିଲାନି ପ୍ରଶାସନ; ନାଳ ସଫାକଲେ ଗ୍ରାମବାସୀ

କୋଦଳା,୧୬।୭(ସମିସ): ପ୍ରଶାସନକୁ ନାଳ ସଫା କରିବାକୁ ଗୁହାରି କଲେ ହେଲେ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ନାଳ ସଫା କରିଛନ୍ତି। କୋଦଳା ଏନ୍ଏସି ୱାର୍ଡ ନଂ.୨ ଗୌଡ଼ସାହି ପଛପଟ ସହିତ ସାହି ଆରମ୍ଭରେ ଜଗତା ନାଳ ବହିଯାଉଥିବା ବେଳେ ସାହି ପ୍ରାରମ୍ଭରେ ଏକ ଜରାଜୀର୍ଣ ପୋଲ ଅଛି। ଦୀର୍ଘଦିନ ଧରି ସାହିବାସିନ୍ଦା ସହିତ ସେହି ରାସ୍ତା ଦେଇ ଯାଉଥିବା ଜନସାଧାରଣ ଉକ୍ତ ପୋଲ ନିର୍ମାଣ ସହିତ କେନାଲର ପୁନରୁଦ୍ଧାର ପାଇଁ ଦାବି କରି ଆସୁଥିଲେ। କିନ୍ତୁ ପୋଲ ନିର୍ମାଣ ତ ହୋଇପାରିନି କେନାଲ ମଧ୍ୟରେ ଅଳିଆ ଆବର୍ଜନା ସହିତ ବିଭିନ୍ନ ପ୍ରକାର ଗଛ ଉଠି ଅପରିଷ୍କାର ପରିବେଶ ସୃଷ୍ଟି ହୋଇଥିଲା। ଏହି କେନାଲ



ପାଣି ଉପରେ କୃଷକମାନଙ୍କ ଜୀବିକା ନିର୍ଭର କରୁଥିବା ବେଳେ ଏପରି ପରିସ୍ଥିତି ଦ୍ୱାରା ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ କେଉଁ ମୁହୂର୍ତ୍ତରେ ଦୁର୍ଘଟଣା ଘଟିପାରେ। କିନ୍ତୁ ପ୍ରଶାସନ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷପ ନେଇନଥିବାରୁ ବୁଧବାର ସକାଳୁ ସାମାଜିକ କର୍ମୀ ସନ୍ତୋଷ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜନସାଧାରଣ ନିଜସ୍ୱ ଉଦ୍ୟମରେ ସଫେଇ କରିଛନ୍ତି।

### ଗଣିତ ଶିକ୍ଷୟିତ୍ରୀଙ୍କ ବଦଳି ଦାବି

# ସ୍କୁଲରେ ତାଲା ପକାଇଲେ ଛାତ୍ରଛାତ୍ରୀ



ଆସିକା,୧୬।୭(ସମିସ): ଆସିକା ଟେକ୍ନିକାଲ ହାଇସ୍କୁଲରେ ଛାତ୍ର ଅଶାନ୍ତି ଦେଖା ଦେଇଛି। ଏହି ସ୍କୁଲରେ କାର୍ଯ୍ୟରତ ଗଣିତ ଶିକ୍ଷୟିତ୍ରୀ ଦୀର୍ଘଦିନ ହେଲା ପାଠ ପଢାରେ ଖାମଖିଆଲ କରୁଛନ୍ତି। ଫଳରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ବୁଧବାର ମଧ୍ୟାହ୍ନ ଭୋଜନ ଖାଇବା ପରେ ଏହି ଅସନ୍ତୋଷ ତୀବ୍ର ରୂପ ନେବାରୁ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ମୁଖ୍ୟ ଫାଟକରେ ତାଲା ପକାଇ ଶ୍ରେଣୀ ବର୍ଜନ କରିଥିଲେ। ତେବେ ବିଭାଗୀୟ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନରୁ ଓହରିଥିଲେ।

ପ୍ରକାଶ ଥାଉକି, ଚାରି ମାସ ହେଲା ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପଢ଼ାଇବା ଲାଗି ନିୟୋଜିତ ଥିବା ଗଣିତ ଶିକ୍ଷୟିତ୍ରୀ ପାଠ ପଢ଼ାଉ ନାହାନ୍ତି। କହିଲେ ଛାତ୍ରଛାତ୍ରୀଙ୍କୁ ଧମକ ଦିଆଯାଉଥିଲା। ଏନେଇ ଅଭିଭାବକ ମାନେ ଅନେକ ଥର ସ୍କୁଲ କର୍ତ୍ତୃପକ୍ଷ ଏବଂ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇ ଥିଲେ ମଧ ସମାଧାନର ପନ୍ଥା ବାହାରି ନଥିଲା। ଫଳରେ ବୁଧବାର ଏହା ଉଗ୍ରରୂପ ନେଇଥିଲା। ଏପରିକି ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ନହେଲା ଯାଏଁ ତାଲା ଖୋଲିବ ନାହିଁ ବୋଲି ଛାତ୍ରଛାତ୍ରୀ ଅଡ଼ି ବସିଥିଲେ। ଖବର ପାଇ ଆସିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନୁ ରାଣୀ ମହାନ୍ତି ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଦୁଇ ଦିନ ଭିତରେ ଗଣିତ ଶିକ୍ଷୟିତ୍ରୀଙ୍କୁ ବଦଳି ହେବା ନେଇ ବିଇଓ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନରୁ ଓହରିଥିଲେ। କୋଟିନଡା ଥାନା ଅଧିକାରୀଙ୍କ ସମେତ ଅଭିଭାବକ ମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଶିକ୍ଷୟିତ୍ରୀ।

### ସ୍କୁଲ ମୁଖ୍ୟ ଫାଟକରେ ଆଣ୍ଠୁଏ ପାଣି

# କ୍ଲାସ୍ ଛାଡ଼ି କାଗଜ ଡଙ୍ଗା ଭସାଉଛନ୍ତି ଛାତ୍ରଛାତ୍ରୀ

ସାନଖେମୁଣ୍ଡି ୧୬।୭(ସମିସ): ପୂର୍ବତନ ରାଜ୍ୟ ସରକାର '୫-ଟି' ଅଧୀନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଦ୍ୟାଳୟ ମାନଙ୍କର ରୂପାନ୍ତରଣ ସହ ଅତ୍ୟାଧୁନିକ ଶ୍ରେଣୀ କୋଠରୀ, ସାଇନ୍ସ ଲ୍ୟାବ, କମ୍ପ୍ୟୁଟର ଲ୍ୟାବ, ଅତ୍ୟାଧୁନିକ ପାଠାଗାର ସହ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରିବା ସହ ବିଦ୍ୟାଳୟର ମୁଖ୍ୟ ଫାଟକ, ଚର୍ତୁପାଶ୍ୱର୍ ସୌନ୍ଦର୍ଯ୍ୟକରଣ କରିଥିଲେ। କିନ୍ତୁ ରକ୍ଷଣା ବେକ୍ଷଣ ଅଭାବରୁ ତାହା ନଷ୍ଟ ହେବାକୁ ଲାଗିଲାଣି। କେଉଁଠି ବିଦ୍ୟାଳୟର ଛାତରୁ ପାଣି ପଡୁଛି ତ କେଉଁଠି ପ୍ଲାଷ୍ଟର ଖସିଲାନି ତ ଆଉ କେଉଁଠି ବିଦ୍ୟାଳୟ ପରିସରରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମିଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ସାନଖେମୁଣ୍ଡି ବ୍ଲକ ଚୁଡ଼ଙ୍ଗପୁର ପଞ୍ଚାୟତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବୁଧବାର ଅପରାହ୍ନରେ ବର୍ଷା ହୋଇଥିଲା। ଏହାପରେ ବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଆଣ୍ଠୁଏ ପାଣି ଜମି ରହିଥିଲା। ଫଳରେ ଛାତ୍ରଛାତ୍ରୀ ମାନେ



ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ସାନଖେମୁଣ୍ଡିରେ ବର୍ତ୍ତମାନ ଝାଡ଼ାବାନ୍ତି ଲାଗି ରହିଥିବା ବେଳେ ଉକ୍ତ ବିଦ୍ୟାଳୟ ଆଗରେ ପ୍ରତ୍ୟେକ ଦିନ ଏଭଳି ପାଣି ରହୁଥିବା ଦେଖି ନିଜ ପିଲାମାନଙ୍କୁ ବିଦ୍ୟାଳୟ ଛାଡ଼ିବାକୁ ମଧ ଅଭିଭାବକ ମାନେ ଅମଙ୍ଗ ହେଉଛନ୍ତି। ସ୍କୁଲଟି ଜାତୀୟ ରାଜପଥ ୩୨୬ ନମ୍ବରର ରାସ୍ତା କଡ଼ରେ ଥିବା ବେଳେ ନିକଟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ଏହା ସତ୍ତ୍ୱେ କିଭଳି କାହାର ନଜର ପଡୁନି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁଧବାର ଅପରାହ୍ନ ୩.୩୦ ମିନିଟ ସମୟରେ ପ୍ରାୟ ଛାତ୍ରଛାତ୍ରୀ ମାନେ ନିଜର କ୍ଲାସ ଛାଡି ମୁଖ୍ୟ ଫାଟକ ନିକଟରେ ଜମିରହିଥିବା ବର୍ଷା ଜଳରେ ଖେଳିବା ସହ କାଗଜ ଡଙ୍ଗା ଭସାଉଥିବା ଦେଖିବାକୁ ମିଳିଥିଲା।

# କର୍ମଚାରୀ ଅଭାବରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଚଳାବସ୍ଥା







- ନାମକୁ ମାତ୍ର ରହିଛି ଏସି; ଗରମରେ ସିଝୁଛନ୍ତି ରୋଗୀ
- ସମନ୍ୱିତ ପରୀକ୍ଷା କେନ୍ଦ୍ରରେ ୨୪ ଘଣ୍ଟିଆ ପରିବର୍ତ୍ତେ ୧୨ ଘଣ୍ଟିଆ ସେବା

ପାରଳାଖେମୁଣ୍ଡି, ୧୬।୭ (ସମିସ)

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି । ରୋଗୀ ସେବା ଠାରୁ ଆରମ୍ଭ କରି ଡାକ୍ତର ମରୁଡ଼ି ସମସ୍ୟା ଆଦି ଦେଇ ଗତି କରୁଥିବା ଏହି ଚିକିତ୍ସାଳୟରେ ନାମକୁ ମାତ୍ର ଏସି ରହିଛି । ସାଧାରଣ ୱାର୍ଡରେ ରହିଥିବା ଏସି ମଧ୍ୟରୁ ପୁରୁଷ ୱାର୍ଡରେ ଦୁଇଟି ଓ ମହିଳା ୱାର୍ଡରେ ଗୋଟିଏ ଏସି ଚାଲୁ ନାହିଁ। ୬ ଟି ଏସି ଅଚଳ ରହିଥିବା ବେଳେ ୩୦ ଜଣ ରୋଗୀ ଚିକିତ୍ସା ଶଯ୍ୟାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ କିଛି ନାମକୁ ମାତ୍ର ଚାଲିଛି । ଯଦ୍ୱାରା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ପ୍ରଚଣ୍ଡ ତାତିରେ ସିଝୁଛନ୍ତି । କିନ୍ତୁ ଡାକ୍ତରଙ୍କ କକ୍ଷ ଓ ଅନ୍ୟ ଷ୍ଟାଫ୍‌ଙ୍କ କକ୍ଷରେ ଏସି ଠିକ୍ ଠାକ୍ ଚାଲୁଛି। ତେବେ ରୋଗୀଙ୍କ ପାଇଁ ଲାଗିଥିବା ଏସି ମରାମତି କରାଯାଉ ନାହିଁ। ସେହିପରି ସମନ୍ୱିତ ପରୀକ୍ଷା କେନ୍ଦ୍ରରେ ୨୪ ଘଣ୍ଟିଆ ସେବା ନାମରେ ୧୨ ଘଣ୍ଟିଆ ସେବା ଯୋଗାଇ ଦିଆଯାଉଥିବା ଅଭିଯୋଗ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାରେ ୭ଟି ବ୍ଲକ ସମେତ ପଡୋଶୀ ରାୟଗଡ଼ା ଜିଲ୍ଲା ଏବଂ ଆନ୍ଧ୍ର ପ୍ରଦେଶର ରୋଗୀ ନିର୍ଭର କରୁଥିବା ବେଳେ ସରକାରଙ୍କ ଚରମ ଅବହେଳା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଡାକ୍ତରଙ୍କଠାରୁ ଆରମ୍ଭ କରି ସୁଇପର ଯାଏ ଅଧାରୁ ଅଧିକ କର୍ମଚାରୀ ଅଭାବ ରହିଥିବା ବେଳେ ରୋଗୀ ସେବା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଭାବିତ ହୋଇଛି । ମୁଖ୍ୟ କରି ରୋଗୀଙ୍କ ମଳମୂତ୍ର, ରକ୍ତ ପରୀକ୍ଷାଗାରରେ କର୍ମଚାରୀର ଅଭାବର ଦ୍ୱାହି ଦେଇ ୨୪ ଘଣ୍ଟିଆ ସେବା ପରିବର୍ତ୍ତେ ୧୨ ଘଣ୍ଟାର ସେବା ସଠିକ୍ ଭାବେ ଦିଆଯାଉନାହିଁ। ସବୁଠାରୁ ସ୍ଥିତି ବିଷମ ସନ୍ଧ୍ୟା ନଉଁ ନଉଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରର ୭୨ ନମ୍ବର କକ୍ଷରେ ତାଲା ଝୁଲୁଛି । ୫ ଜଣ କର୍ମଚାରୀ ବର୍ତ୍ତମାନ ଦାୟିତ୍ୱରେ ଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରର କର୍ତ୍ତୃପକ୍ଷଙ୍କ ଅବହେଳା ହେଉ କି କାର୍ଯ୍ୟଦକ୍ଷତା ପ୍ରତିପାଦନରେ ଯୋଗ୍ୟ ନଥିବା ଯୋଗୁଁ କାର୍ଯ୍ୟରତ କର୍ମଚାରୀଙ୍କ ଭରସାରେ ଚୁପ୍ ରହୁଛନ୍ତି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ । ଯାହା ଫଳରେ ସଞ୍ଜ ନଇଁବା ପରେ ଆସୁଥିବା ରୋଗୀମାନଙ୍କ ବିଭିନ୍ନ ପରୀକ୍ଷା ପାଇଁ ଘରୋଇ ପରୀକ୍ଷା କେନ୍ଦ୍ର ଗୁଡିକ ଉପରେ ଭରସା କରିବାକୁ ପଡୁଛି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏମ୍. ଏମ୍. ଅଲ୍ଲୀଙ୍କୁ ଯୋଗାଯୋଗ କରିବାରୁ କର୍ମଚାରୀ ଅଭାବରୁ ସକାଳ ୯ରୁ ରାତି ୧୦ ଯାଏ ସେବା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି । କିନ୍ତୁ ରୋଗୀଙ୍କ ଅଭିଯୋଗ ହେଉଛି ସଠିକ୍ ସେବା ମିଳୁନାହିଁ। ସନ୍ଧ୍ୟାହେଲେ ତାଲା ଝୁଲୁଛି ଏଠାରେ । ସେପଟେ ଡବଲ ଇଞ୍ଜିନ ସରକାରଙ୍କ ଆଭା କାର୍ଡ ବା ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ବଡ଼ ବଡ଼ ହସ୍‌ପିଟାଲରେ କାମ କରୁନଥିବା ଯୋଗୁଁ ରୋଗୀ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମୁହାଁ ହେଉଛନ୍ତି । ସରକାର, ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଥିବା କୁହାଯାଇଛି ।

## ଫିରିଙ୍ଗିଆରେ ସିଏସ୍‌ସିର ବାର୍ଷିକ ଉତ୍ସବ



ଫିରିଙ୍ଗିଆ, ୧୬।୭ (ସମିସ): ଫିରିଙ୍ଗିଆ ବ୍ଲକର ସମସ୍ତ ଜନସେବା କେନ୍ଦ୍ର (ସିଏସ୍‌ସି)ର ଜିପୁନ୍ ମୁଖି ଜନସେବା କେନ୍ଦ୍ରରେ ୧୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୧୬ ବର୍ଷ ଧରି ଜନସେବା କେନ୍ଦ୍ର ସବୁ ଜନସାଧାରଣଙ୍କୁ ଡିଜିଟାଲ ସେବା ଯୋଗାଇ ଆସୁଛନ୍ତି। ସରକାରୀ ସେବା ପାଇଁ ଆବେଦନ ଠାରୁ ଆରମ୍ଭ କରି ଟଙ୍କା ଉଠାଇବା, ଟଙ୍କା ଜମା କରିବା ଓ ସରକାରଙ୍କ ବିଭିନ୍ନ ଯୋଜନାରେ ନିଜକୁ ସାମିଲ କରି ଯୋଜନାର ଲାଭ ଉଠାଇବାରେ ଭିଏଲ୍‌ଇଙ୍କ ରହିଛି ଭୂମିକା। ବାର୍ଷିକ ଉତ୍ସବରେ ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଫିରିଙ୍ଗିଆ ବ୍ଲକରେ ମୋଟ ୨୬ ଜନସେବା କେନ୍ଦ୍ର ରହିଥିବା ବେଳେ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇ ଆସୁଛି। ଫିରିଙ୍ଗିଆ ବ୍ଲକ ଜନସେବା କେନ୍ଦ୍ର ଭିଏଲଇ ସଂଘ ସଭାପତି ଜିପୁନ ମୁଖି, ଉପସଭାପତି ତଥା ବାଳନ୍ଦାପଡ଼ା ଜନସେବା କେନ୍ଦ୍ରର ରଶ୍ମି ରଞ୍ଜନ ପ୍ରଧାନ, ସମ୍ପାଦକ ଡିଣ୍ଡିରା ଗାଁ ସିଏସସିର ସୁଶାନ୍ତ ଦିଗାଲ, ସହ ସମ୍ପାଦକ ତଥାପଲବ୍ରୁଡ଼ି ଜନସେବା କେନ୍ଦ୍ରର ଶରୀର କହଁର, ଉପଦେଷ୍ଟା ଡିମ୍ବିରିଗୁଡା ଜନସେବା କେନ୍ଦ୍ରର ହରିଚନ୍ଦ୍ର କହଁର, ବୃଗନନ୍ଦନ ମହାକୁଡ଼, ଆଲୋକ ଦିଗାଲ, ପ୍ରଣବ କର୍ଣ୍ଣ, ବିପିନ କହଁର, ଜିତେନ୍ଦ୍ର କହଁର, କୈଳାଶ କହଁର, ବଳଭଦ୍ର ଦିଗାଲ, ରାଜୀବ ପୃଷ୍ଟି, ପ୍ରତାପ କହଁର, ଗଙ୍ଗାଧର କହଁର, ସଞ୍ଜିତ୍ କହଁର, ସମେତ ବ୍ଲକର ୨୬ କେନ୍ଦ୍ରର ଭିଏଲଇ ଯୋଗ ଦେଇଥିଲେ।

## ପଦ୍ମଶ୍ରୀ ଡ.ସତ୍ୟନାରାୟଣ ରାଜଗୁରୁଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି, ୧୬।୭ (ସମିସ): ପାରଳାଖେମୁଣ୍ଡିର ପରସମଣି, ବିଶିଷ୍ଟ ଐତିହାସିକ, ଗବେଷକ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁଙ୍କ ୧୨୩ ତମ ଜୟନ୍ତୀ ଉତ୍ସବ ଅଗଷ୍ଟ ୧୯ରେ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଉତ୍କଳ ହିତୈଷିଣୀ ସଭାଗୃହରେ ଯଥାରୀତିରେ ପାଳନ ପାଇଁ ନିଷ୍ପତ୍ତି ହୋଇଛି । ଏହି ଉଦ୍ଦେଶ୍ୟରେ ଆଜି ଡ. ସତ୍ୟନାରାୟଣ ରାଜଗୁରୁ ସ୍ମୃତି ସଂସଦ ଆନୁକୂଲ୍ୟରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ବସନ୍ତ ବିହାରରେ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ର, ସମ୍ପାଦକ ବିନୋଦ ଚନ୍ଦ୍ର ଜେନା, ଯୁଗ୍ମ ସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତା, ଭାରତ ଭୂଷଣ ମହାନ୍ତି, ଶଶିଭୂଷଣ ପଟ୍ଟନାୟକ, ଶରତ ଚନ୍ଦ୍ର ସାହୁ, ଡ. କଲ୍ୟାଣୀ ମିଶ୍ର, ଆଶାଲତା ପାଣିଗ୍ରାହୀ ଯୋଗ ଦେଇ ଆଲୋଚନା କରିଥିଲେ। ସମାରୋହରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସ୍ଥିତ ରାଜ୍ୟ ସଂଗ୍ରହାଳୟର ପୂର୍ବତନ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଏବଂ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଖୋର୍ଦ୍ଧା ବନମାଳିପୁର ଶଙ୍କର ସାହୁ ଯୋଗଦାନ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ପ୍ରାଥମିକ ଠାରୁ ମହାବିଦ୍ୟାଳୟସ୍ତରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ୧୭ ଅଗଷ୍ଟରେ ସ୍ଥାନୀୟ ମହେନ୍ଦ୍ରଗିରି ଉଚ୍ଚ ବିଦ୍ୟାଳୟରେ କରାଯିବାକୁ ନିଷ୍ପତ୍ତି ହୋଇଛି ।

## ମୋହନାରେ ଗୁରୁପୂର୍ଣ୍ଣିମା ଉତ୍ସବ

ମୋହନା, ୧୬।୭ (ସମିସ): ଗଜପତି ଜିଲ୍ଲା ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି । ପ୍ରଧାନ ଆଚାର୍ଯ୍ୟା ଆରତୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଜପତି ଜିଲ୍ଲା ପ୍ରଚାର ପ୍ରମୁଖ ବାବୁଲା ସେଠୀ ଯୋଗଦେଇ ଭାରତରେ ଗୁରୁ ପରମ୍ପରା ଓ ଗୁରୁ ପୂର୍ଣ୍ଣିମାର ମହତ୍ତ୍ୱ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଗୁରୁଜୀ, ଗୁରୁମା, ଛାତ୍ରଛାତ୍ରୀ ଧ୍ୱଜ ପୂଜନ କରିଥିଲେ ।

## ଲକ୍ଷ୍ମୀବସ୍ ଚଳାଚଳ ପାଇଁ ବିଡ଼ିଓ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର



ଫିରିଙ୍ଗିଆ/ଫୁଲବାଣୀ, ୧୬।୭ (ସମିସ): ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ କୁହାଯାଉଥିବା କୁଏରମାଣ୍ଡୁ ପଞ୍ଚାୟତର ବାରାହାଲା ପର୍ଯ୍ୟନ୍ତ ଯାତାୟାତ ପାଇଁ ବସ୍ ସେବା କିମ୍ବା ଅନ୍ୟ କୌଣସି ସୁବିଧା ନଥିବାରୁ ଲକ୍ଷ୍ମୀବସ ସେବା ଯୋଗାଇ ଦେବାକୁ ପଞ୍ଚାୟତର ଜନପ୍ରତିନିଧି ଓ ଅଞ୍ଚଳବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟଠାରୁ ବାରା ହାଲା ପ୍ରାୟ ଷାଠିଏରୁ ସତୁରି କିଲୋମିଟର ଏବଂ ଏହା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ। ଶେଷ ସୀମା ହୋଇଥିବା ବେଳେ ଟିକରପାଜୁ, ସରାପାଜୁ, ଗ୍ଲାଟ, ପାଦେରୀ ପଡ଼ା, କଲମପଡ଼ା, ଡକାଡି, ଅଡାବାଲି, ବେରେଣୀ, ଦୁବସରା, ତିଳକାପଦର, ବାରାହାଲା ଭଳି ଅନେକ ଉପାନ୍ତ ଗାଁ ରହିଛି । ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ କୁଏରମାଣ୍ଡୁ ଯିବାକୁ ହେଲେ ୧୫ରୁ ୨୦ କିଲୋମିଟର ଯିବାକୁ ପଡୁଥିବା ବେଳେ ବାଳନ୍ଦାପଡ଼ା ଡାକ୍ତରଖାନାକୁ ଯିବାକୁ ହେଲେ ଅନ୍ୟୁନ ୨୫ କିଲୋମିଟର ଯିବାକୁ ପଡୁଛି । ଆଜି ପର୍ଯ୍ୟନ୍ତ ସେମାନଙ୍କ ପାଇଁ ଯାତାୟାତର ସୁବିଧା ନାହିଁ। ଏଥିଯୋଗୁଁ ଅଞ୍ଚଳବାସୀ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳକୁ ବସ୍ ଚଳାଚଳ ନଥିବାରୁ କୁଏରମାଣ୍ଡୁ ପଞ୍ଚାୟତବାସୀ ଓ ଜନ ପ୍ରତିନିଧି ଏକତ୍ର ହୋଇ ସୋମବାର ଦିନ ଏକ ବୈଠକ କରିଥିଲେ। ଅଞ୍ଚଳର ଶତାଧିକ ଲୋକଙ୍କ ସହ ସରପଞ୍ଚ ମାଧବ କହଁର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସସ୍ମିତା ଦିଗାଲ, ସମାଜସେବୀ ପଞ୍ଚାନନ ଦିଗାଲ ଏବଂ ଅଞ୍ଚଳର ବୁଦ୍ଧିଜୀବୀ ପଞ୍ଚାୟତର ଶେଷ ମୁଣ୍ଡ ବାରାହାଲା ପର୍ଯ୍ୟନ୍ତ ଲକ୍ଷ୍ମୀବସ ଚଳାଚଳ ପାଇଁ ଜିଲ୍ଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁସାରେ ଆଜି ଅଞ୍ଚଳର ବୁଦ୍ଧିଜୀବୀ ଓ ସରପଞ୍ଚଙ୍କ ସହ ଯୁବକ, ମହିଳା ବିଡିଓ ଓ ଜିଲ୍ଲାପାଳଙ୍କୁ ବାରାହାଲା ପର୍ଯ୍ୟନ୍ତ ଲକ୍ଷ୍ମୀବସ ଚଳାଚଳ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଓଡ଼ିଶା ଜାଗା ଛାଡ଼ିବୁନି କି ଆନ୍ଧ୍ର ଜାଗା ମାଡ଼ିବୁନି: ଜିଲ୍ଲାପାଳ



ରାୟଗଡ଼, ୧୬।୭ (ସମିସ): ଓଡ଼ିଶା ସୀମାରେ ଆନ୍ଧ୍ର ଅନୁପ୍ରବେଶ ଉଦ୍ୟମ କରୁଥିବା ନେଇ ଖବର ପ୍ରକାଶ ପରେ ତତ୍ପର ହୋଇଛି ପ୍ରଶାସନ । ବୁଧବାର ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତର ମାଣିକପାଟଣା ଓ ଆମରିଙ୍ଗିର ବିଭିନ୍ନ ଅଞ୍ଚଳରେ ଜିଲ୍ଲାପାଳ ବିଜୟ କୁମାର ଦାସ ଓ ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ପହଞ୍ଚି ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଉନ୍ନୟନ କାର୍ଯ୍ୟର ପରିଦର୍ଶନ କରିଥିଲେ। ଆନ୍ଧ୍ରର କୌଣସି ଅଧିକାରୀ ଆସିଲେ ଡରିବାର ନାହିଁ। ତୁରନ୍ତ ପ୍ରଶାସନକୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ସେହିଭଳି ଓଡ଼ିଶା ଜାଗା ଛାଡିବୁନି କି ଆନ୍ଧ୍ର ଜାଗା ମାଡ଼ିବୁ ନାହିଁ ବୋଲି ଅଞ୍ଚଳବାସୀଙ୍କ ସହ ଆଲୋଚନା ବେଳେ ଜିଲ୍ଲାପାଳ ଶ୍ରୀ ଦାସ କହି ସେମାନଙ୍କୁ ସାହସ ଯୋଗାଇଥଲେ। ଏହାସହ ମାଣିକପାଟଣାରେ ନିର୍ମିତ ଆନ୍ଧ୍ରର ଅଙ୍ଗନବାଡ଼ି କେନ୍ଦ୍ରକୁ ବୁଲି ଦେଖିବା ସହ ଉକ୍ତ କେନ୍ଦ୍ରର ସୀମା ଚିହ୍ନଟ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୀମାକୁ ନେଇ କୌଣସି ବିବାଦ ନାହିଁ। ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ସମ୍ପୂର୍ଣ୍ଣ ଅଞ୍ଚଳ ଓଡ଼ିଶାର । ଓଡ଼ିଶା ସୀମା ଭିତରେ ହିଁ ରହିଥିବା ମଧ୍ୟ ରୋକଠୋକ କହିଥିଲେ। ଉପଜିଲ୍ଲାପାଳଙ୍କ ରିପୋର୍ଟ ପ୍ରଦାନ ପରେ ଶ୍ରୀକାକୁଲମ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି । ଯଦି କିଛି ଆପତ୍ତି ଥାଏ ତାହା ହେଲେ ଜଏଣ୍ଟ ଡ଼ିମାର୍କେସନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ସହକାରୀ ନିର୍ବାହୀ ଅଧିକାରୀ ଇଂ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ସିଡିପିଓ ବି. କୋମଳାଙ୍ଗୀ, ଏସଡିପିଓ ମାଧବାନନ୍ଦ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ମାୟାଧର ସାହୁ ଓ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିଶିକା ଉପସ୍ଥିତ ଥିଲେ ।

- ୪ ବର୍ଷର ଶିଶୁକୁ ବଳାତ୍କାର ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ଫୁଲବାଣୀ, ୧୬।୭ (ସମିସ): ଜଣେ ୪ ବର୍ଷର ଶିଶୁକୁ ବଳାତ୍କାର ଏବଂ ତାଙ୍କ ମା'ଙ୍କୁ ଅସଦାଚାରଣ ମାମଲାର ବିଚାର କରି ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି । ଏଥିସହ ଦୋଷୀକୁ ୩୦ ହଜାର ଜରିମାନା କରାଯାଇଛି । ଜରିମାନା ଅନାଦାୟ ଅଧିକ ୧୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ଅଛି । ଅଭିଯୁକ୍ତ ଜଣକ ହେଲେ ରାଇକିଆ ଥାନା ଅଞ୍ଚଳର ଶଙ୍କର ପ୍ରଧାନ(୨୬) । ୨୦୨୪ ଜାନୁଆରୀ ୩୦ରେ ଅଭିଯୁକ୍ତ ଶଙ୍କର ପ୍ରଥମେ ପୀଡ଼ିତାଙ୍କ ଘରକୁ ଯାଇ ଶିଶୁର ମା'ଙ୍କୁ ଅସଦାଚାରଣ କରିଥିଲେ । ଏହି ବିଷୟରେ ମହିଳା ଜଣକ କାହାକୁ କିଛି କହି ନ ଥିଲେ । ଏହାର ଠିକ ୭ ଦିନ ପରେ ଅଭିଯୁକ୍ତ ଜଣକ ପୁଣି ତାଙ୍କ ଘରକୁ ଯାଇ ମହିଳା ତାଙ୍କ ଦୋକାନରେ ଥିବାବେଳେ ଘର ଭିତରେ ଏକୁଟିଆ ଥିବା ୪ ବର୍ଷର ଝିଅକୁ ବଳାତ୍କାର କରି ଚାଲିଯାଇଥିଲେ। ଏ ନେଇ ପରେ ପୀଡ଼ିତା ଶିଶୁ ତାଙ୍କ ମାଙ୍କୁ କହିଥିଲେ । ହେଲେ ମହିଳା ଜଣକ କାହାକୁ କହି ନ ଥିଲେ। ପୁଣି ଫେବୃୟାରୀ ୧୫ରେ ଅଭିଯୁକ୍ତ ଶଙ୍କର ଗ୍ରାମର ଆଉ ଜଣେ ମହିଳାଙ୍କୁ ଅସଦାଚାରଣ କରିଥିଲେ। ସମ୍ପୃକ୍ତା ମହିଳା ଘଟଣା ବିଷୟରେ ଜଣାଇବାରୁ ୧୬ ତାରିଖରେ ଗ୍ରାମରେ ସଭା ବସିଥିଲା। ସେହି ସଭାରେ ପୂର୍ବରୁ ଅସଦାଚାରଣ ହୋଇଥିବା ମହିଳା ନିଜ କଥା ଏବଂ ଝିଅକୁ ବଳାତ୍କାର ହୋଇଥିବା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ମହିଳା ୧୯ ତାରିଖରେ ରାଇକିଆ ଥାନାରେ ଏତଲା ଦେଇଥିଲେ। ପୁଲିସ ୨୦/୨୪ରେ ମାମଲା ରୁଜୁ କରି ଶଙ୍କରଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ଶୁଣାଣି କରି ବିଚାରପତି ମନୋରଞ୍ଜନ ଦାସ ୧୯ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ଦେବା ସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ସୋଲାର ପ୍ରକଳ୍ପ ଅଚଳ; ପାଣି ପାଇଁ ହନ୍ତସନ୍ତ



ଦାରିଙ୍ଗବାଡି, ୧୬।୭ (ସମିସ): ଦୁଇ ଦିନ ହେବ ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇଥିବା ଯୋଗୁଁ ପାଣି ପାଇଁ ଅସୁବିଧା ସମ୍ମୁଖୀନ ଗ୍ରାମବାସୀ । କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ ଅନ୍ତର୍ଗତ ଦଡିବାଡ଼ି ଗ୍ରାମରେ ଦେଖିବାକୁ ମିଳିଛି କିଛି ଏଭଳି ସ୍ଥିତି । ଗାଁର ୧୦୦ରୁ ଅଧିକ ପରିବାର ଏହି ଗୋଟିଏ ପାନୀୟ ଜଳ ପ୍ରକଳ୍ପ ଉପରେ ନିର୍ଭରଶୀଳ । ପାଣି ପାଇଁ ଦିନ ରାତି ଏହି ଠାରେ ଗହଳି ହୋଇଥାଏ । ଯେତେବେଳେ ଦେଖିଲେ ପାଣି ପାଇଁ ଲମ୍ବା ଲାଇନ । ସୋଲାର ପ୍ରକଳ୍ପ ଅଚଳ ହେବା ପରେ ପାନୀୟ ଜଳର ବଡ଼ ସମସ୍ୟା ଦେଖା ଦେଇଛି । ଲୋକେ ଟିକିଏ ପିଇବା ପାଣି ପାଇଁ ୨ ଦିନ ହେବ ହାହାକାର ଅବସ୍ଥାରେ ରହିଛନ୍ତି । ମଙ୍ଗଳବାର ଦିନ ଏହାର ମରାମତି କରିବା ପାଇଁ କର୍ମଚାରୀ ଆସିଥିଲେ ସୁଦ୍ଧା କାମ ହୋଇପାରି ନଥିବା ଜଣାପଡ଼ିଛି ।

## ମୋହନା ସାପ୍ତାହିକ ଓ ଦୈନିକ ବଜାର ନିଲାମ



ମୋହନା, ୧୬।୭ (ସମିସ): ମୋହନା ସାପ୍ତାହିକ ହାଟ ଓ ଦୈନିକ ବଜାର ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ନିଲାମ ପ୍ରକ୍ରିୟା ହୋଇଥିବା ବେଳେ ଅନେକ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ । ସାପ୍ତାହିକ ହାଟ ପାଇଁ ବାର୍ଷିକ ୭ ଲକ୍ଷ ୪୨ ହଜାର ଟଙ୍କାରେ ଜୀବନ ସାଗର ପାଇକ ନିଲାମ ପାଇଥିବା ବେଳେ ଦୈନିକ ବଜାର ପାଇଁ ସରୋଜ କୁମାର ନାୟକ ୧ ଲକ୍ଷ ୫୩ ହଜାର ୮ ଶହ ଟଙ୍କା ରେ ନିଲାମ ପାଇଛନ୍ତି । ଏହି ନିଲାମ ପ୍ରକ୍ରିୟାରେ ମୋହନା ସରପଞ୍ଚ ସୁନିତା ମଲିକ, ନାଏବ ସରପଞ୍ଚ ରସାନନ୍ଦ ପାଣି, ପଞ୍ଚାୟତ ଉନ୍ନୟନ ଅଧିକାରୀ ଦୀପକ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ କାରିକା ଓ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ ।

## ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ



ଫିରିଙ୍ଗିଆ, ୧୬।୭ (ସମିସ): ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ୧ କୋଟି ୯୦ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟଅଟକଳରେ ନିର୍ମାଣ ହୋଇଥିବା ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଶିକ୍ଷା ଭବନ କୋଠାକୁ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସାଂସଦଙ୍କ ସହିତ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫିରିଙ୍ଗିଆର ଅଧ୍ୟକ୍ଷ କୈଳାଶ ସିଂ, ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ, ବିଜେପି ନୂଆପଦର ମଣ୍ଡଳ ସଭାପତି ଦେବେଶ୍ୱର ଦୀପ, ଫିରିଙ୍ଗିଆ ମଣ୍ଡଳ ସଭାପତି ଶ୍ରୀବତ୍ସ କହଁର, ଶିକ୍ଷା ପ୍ରତିନିଧି କଂସ ଦେବ ସାହୁ, ସ୍ୱାସ୍ଥ୍ୟ ପ୍ରତିନିଧି ଅକ୍ଷୟ କଟା, ଫିରିଙ୍ଗିଆ ପଞ୍ଚାୟତ ସମିତିସଭ୍ୟା ମୌସୁମୀ ପ୍ରଧାନଙ୍କ ସହ ଫିରିଙ୍ଗିଆ ଅଞ୍ଚଳ ଏବଂ ବ୍ଲକସ୍ତରରୁ ବହୁ ବରିଷ୍ଠ ବିଜେପି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ରାସ୍ତା ଶୋଚନୀୟ; ୧୩ ଖଣ୍ଡ ଗାଁ ଲୋକେ ହନ୍ତସନ୍ତ

ମୋହନା, ୧୬।୭ (ସମିସ)

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଯୋଗାଯୋଗ ପାଇଁ ପକ୍କା ରାସ୍ତା ନିର୍ମାଣ ହୋଇଛି। ହେଲେ ସେହି ରାସ୍ତାର ରକ୍ଷଣବେକ୍ଷଣର ଅଭାବ ଯୋଗୁଁ ରାସ୍ତାରୁ ପିଚୁ ବାହାରି ଖାଲଖମାରେ ଭର୍ତ୍ତି ହୋଇଗଲାଣି। ପାଣି ଜମି ଚାଷ ଜମି ପାଲଟିଛି ରାସ୍ତା। ଏଭଳି ସମସ୍ୟା ଦେଖିବାକୁ ଗଜପତି ଜିଲ୍ଲା ମୋହନା ବ୍ଲକ ଡେଙ୍ଗେସଖାଲ ପଞ୍ଚାୟତର ଡୁମିଗୁଡ଼ା ଠାରୁ ଲଣ୍ଡାଗୁଡ଼ା ରାସ୍ତାରେ। ରାସ୍ତା ଖରାପ ଯୋଗୁଁ ଦୁଇ ପଞ୍ଚାୟତର ୧୩ ଖଣ୍ଡ ଗ୍ରାମକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅଟୋ ଯିବା ତ ଦୂରର କଥା ସାଇକଲ କିମ୍ବା ଚାଲିକରି ଯିବା ମଧ୍ୟ କଷ୍ଟକର ହେଉଛି। ଆମ୍ବୁଲାନ୍ସ ଓ ଅଗ୍ନିଶମ ଭଳି ଜରୁରିକାଳୀନ ଗାଡ଼ି ମଧ୍ୟ ଗାଁରେ ପହଞ୍ଚି ପାରୁନି। ଏଥିସହ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାପାଇଁ ହୀନସ୍ତା ହେଉଥିବା ଲୋକେ କହିଛନ୍ତି। ମୋହନା ବ୍ଲକକୁ ଆସିବା କିମ୍ବା ପଞ୍ଚାୟତକୁ ଯିବା ପାଇଁ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ୧୩ ଖଣ୍ଡ ଗ୍ରାମବାସୀ।

ଡୁମୀଗୁଡ଼ା ଠାରୁ ଲଣ୍ଡାଗୁଡା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ଦୀର୍ଘ ବର୍ଷ ତଳେ ନିର୍ମାଣ ହେଇଥିଲା। ଉକ୍ତ ରାସ୍ତା ମରାମତି ହୋଇଥିବା ଦର୍ଶାଇ ପୂର୍ବରୁ ଥିବା ମୋହନା ଗ୍ରାମ୍ୟଉନ୍ନୟନ ବିଭାଗ ଅଧିକାରୀ ଉମାଶଙ୍କର ମଲ୍ଲିକ ବିଲ ପାସ କରି ଅର୍ଥ ଚଲୁ କରିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ଦେଇ କନ୍ଦପାଣିଗଣ୍ଡା, କୁଇଲଗୁଡା, ବ୍ୟୁଟିପଦା, ଅଞ୍ଜଳି, ହାବକାପଙ୍କା,

**ଗୁହାରି କଲେ କେହି ଶୁଣୁନାହାନ୍ତି**

ନାରୟଣପୁର, ମହାଗୁଡ, ଭାଲିପଙ୍କ, ବୁଡ଼ଲି, ରାଇଜୁକାନୂଆ ସାହ, ପାଜୀଙ୍ଗିପେଟା, ଡେଙ୍ଗାଷଖାଲ ଭଳି ଗ୍ରାମ କୁ ଯିବା ଆସିବାରେ ବାଧା ସୃଷ୍ଟି ହେଉଛି। ଆଗକୁ ବର୍ଷା ଯେତେ ବଢ଼ିବ ସେତେ ବିପଦ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି। ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେଲା ରାସ୍ତା ଖରାପ ହୋଇଥିବା ବେଳେ ଏନେଇ ପୂର୍ବତନ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟସଭ୍ୟାଙ୍କୁ ଜଣାଇଥିବା କହିଛନ୍ତି ଗ୍ରାମବାସୀ। ସେହିପରି ଖାରୀଗୁଡା ପଞ୍ଚାୟତର ଖରିମେରା ଗାଁ ପଞ୍ଚାୟତ ଠାରୁ ମାତ୍ର ତିନି କିମି ଦୂରପାହାଡ ଉପରେ ରହିଛି। ଉକ୍ତ ଗ୍ରାମର ସରପଞ୍ଚ ଅଛନ୍ତି ହେଲେ ଅଭିଯୋଗ ଦେଇ ଥକିଗଲେଣି ଗ୍ରାମବାସୀ। କିନ୍ତୁ ଦୀର୍ଘ ବର୍ଷ ହେଲା ରାସ୍ତା ମରାମତି ହୋଇପାରୁନି। ବର୍ଷା ପବନ ହେଲେ ପାହାଡ଼ରୁ ପଥର ଖସି ଯାତାୟାତ ବନ୍ଦ ହୋଇଯାଏ। ବର୍ଷା ଛାଡିଲେ ପୁଣି ଲୋକେ ରାସନ ସାମଗ୍ରୀ ଠାରୁ ନେଇ ବ୍ଲକ, ପଞ୍ଚାୟତ କାମ ହେଉ କିମ୍ବା ବିଦ୍ୟାଳୟ କଲେଜ ଯିବାକୁ ପଡ଼େ। ବର୍ତ୍ତମାନ ରାସ୍ତାରେ ପିଚୁ ଧୋଇଯାଇ ମାଟି ଦେଖାଗଲାଣି। ଖାଲଖମା ହୋଇଥିବାରୁ ଦୁଇ ଚକିଆ ଯାନବାହାନ ହେଉ କିମ୍ବା ଅଟୋ ଆମ୍ବୁଲାନ୍ସ ଯାଇପାରୁନି। ଯାହା ଦ୍ୱାରା ବିଦ୍ୟାଳୟକୁ ପିଲା ଆସିବାକୁ ଭୟ କରୁଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ରାସ୍ତା ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି। ସମସ୍ୟା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀଯନ୍ତ୍ରୀ ଶିବରାମ ସାହୁଙ୍କୁ ପଚାରିବାରୁ ରାସ୍ତା ନିର୍ମାଣର ୫ ବର୍ଷ ପୂର୍ତ୍ତି ହେବା ସହ ରକ୍ଷଣାବେକ୍ଷଣ ପାଇଁ ଠିକାଦାରଙ୍କ ଚୁକ୍ତି ସରିଯାଇଛି। ତେଣୁ ପୁଣି ନୂତନ ଭାବେ ଟେଣ୍ଡର କରାଯାଇଛି। କାମ ଶୀଘ୍ର କରାଯିବ ବୋଲି କହିଛନ୍ତି। ରାଜ୍ୟ ସରକାର କେବେ ଏହି ରାସ୍ତା ଉପରେ ନୂତନ ରାସ୍ତା ନିର୍ମାଣ କରିବେ ତାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।



## ଟ୍ରେନ୍ ଆଗକୁ ଡେଇଁ ବରିଷ୍ଠ ଅଧ୍ୟାପକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର, ୧୬।୭ (ସମିସ): ଟ୍ରେନ ସମ୍ମୁଖକୁ ଡେଇଁ ଜଣେ ବରିଷ୍ଠ ଅଧ୍ୟାପକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାସ୍କର ଗୌଡ(୫୬)। ଆଜି ପୂର୍ବାହ୍ନରେ ବ୍ରହ୍ମପୁର ସରକାରୀ ରେଳବାଇ ଥାନା ପୁଲିସ ସୋରଳ ଜଙ୍କସନ ନିକଟ ରେଳ ଧାରଣାରୁ ତାଙ୍କ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ଏମକେସିଜି ମେଡିକାଲକୁ ପଠାଇଛି। ପାରିବାରିକ କଳହ ଓ ମାନସିକ ଅବସାଦରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ଶୁଣିବାକୁ ମିଳିଛି। ତାଙ୍କ ମୃତ୍ୟୁ ଖବର ଶୁଣିବା ପରେ ସହକର୍ମୀଙ୍କ ସମେତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଭଞ୍ଜନଗର ବାଉଁଶଲୁଣ୍ଡିର ବାସିନ୍ଦା ଭାସ୍କର ଗୌଡ ଦୀର୍ଘ ବର୍ଷ ହେବ ଆଞ୍ଚଳିକ ମହାବିଦ୍ୟାଳୟରେ ଜୁଲୋଜି ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ସେ ଜଗନ୍ନାଥପ୍ରସାଦରେ ଭଡ଼ାଘରେ ନିଜ ପରିବାର ସହ ରହୁଥିବା ବେଳେ କିଛି ବର୍ଷ ହେବ ବାଉଁଶଲୁଣ୍ଡିରେ ରହୁଥିଲେ। ଆଜି ପୂର୍ବାହ୍ନରେ ବ୍ରହ୍ମପୁର ଉପକଣ୍ଠ ସୋରଳ ରେଳ ଧାରଣାରୁ ତାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ମିଳିଥିଲା। ଖବରପାଇ ରେଳବାଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପୁଲିସ ଘଟଣାସ୍ଥଳରୁ ଭାସ୍କରଙ୍କ ମୋବାଇଲ ଓ ପରିଚୟ ପତ୍ର ସମେତ କିଛି ଦୂରରୁ ବାଇକ ଜବତ କରିଥିଲା। ପୁଲିସ ଠାରୁ ଖବର ପାଇ ଭାସ୍କରଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚି ମୃତୁଦେହ ଚିହ୍ନଟ କରିଥିବା ଜଣାପଡ଼ିଛି।

## ୬ ବୋମା ନିଷ୍କ୍ରିୟ କଲା ଧରାକୋଟ ପୁଲିସ

ଧରାକୋଟ, ୧୬।୭ (ସମିସ): ଧରାକୋଟ ପୁଲିସ ଦ୍ୱାରା ଛଅ ଗୋଟି ଜୀବନ୍ତ ବୋମାକୁ ରାଜ୍ୟ ବୋମା ନିଷ୍କ୍ରିୟକାରି ଦଳ ସହାୟତାରେ ନିଷ୍କ୍ରିୟ କରିଛି। ପୁଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଧରାକୋଟ ବଡ଼ଦାଣ୍ଡ ସାହି ଶେଷରେ ଥିବା ଗୁଣ୍ଡିଚା ମନ୍ଦିର ଓ ମସ୍‌ଜିଦ ପଛପଟେ ଥିବା ଚାଞ୍ଚରା ନିକଟରେ ଲୁଚା ଯାଇଥିବା ୬ଗୋଟି ଜୀବନ୍ତ ବୋମା ସମ୍ପର୍କରେ ଧରାକୋଟ ପୁଲିସ ସୂଚନା ପାଇଥିଲା। ଆସିକା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ତୋଷ କୁମାର ଜେନା, ଧରାକୋଟ ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁ ଏବଂ ପୁଲିସ ବିଭାଗର ସ୍ୱତନ୍ତ୍ର ଟିମ୍ ପହଞ୍ଚି ବୋମାକୁ ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ନିଷ୍କ୍ରିୟ କରିଥିଲେ। ଏହାକୁ ନେଇ ଅପରାଧୀମାନେ ବଡ଼ ଅଘଟଣ ଘଟାଇବା ପୂର୍ବରୁ ପୁଲିସ ଜବତ କରିଛି। ଯାହାଦ୍ୱାରା ବଡ଼ ଅପରାଧକୁ ଟାଳି ଦିଆଯାଇପାରିଛି।

## ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ

● ଅଳ୍ପକେ ବର୍ତ୍ତିଲେ ଚାଳକ ଓ ସହଯୋଗୀ

ମୋହନା, ୧୬।୭ (ସମିସ): ଭାରସାମ୍ୟ ହରାଇ ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ। ଅଳ୍ପକେ ରକ୍ଷା ପାଇଗଲେ ଗାଡ଼ି ଚାଳକ ଓ ସହଯୋଗୀ। ଆଜି ମଧ୍ୟାହ୍ନରେ ଏକ ସିମେଣ୍ଟ ବୋଝେଇ ଟ୍ରକ ରାଇପୁରରୁ ବାହାରି ଅଡ଼ବା ଥାନା ଅନ୍ତର୍ଗତ ବିରିକୋଟ ଗ୍ରାମ ଅଭିମୁଖେ ଆସୁଥିବା ବେଳେ ଏହି ଥାନା ଅଧିନ ମାଣ୍ଡିମେରା ଗ୍ରାମ ନିକଟସ୍ଥ ବାଲିପଦର ଜାତୀୟ ରାଜପଥ-୩୨୬ ବୁଲାଣିରେ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଚାଳକ ଓ ସହଯୋଗୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। କାହାର କିଛି କ୍ଷତି ହୋଇ ନ ଥିବା ପୁଲିସ ସୂଚନା ଦେଇଛି।

## ଜମି ଜବରଦଖଲ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ବୃଦ୍ଧା

ପାରଳାଖେମୁଣ୍ଡି, ୧୬।୭ (ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ସିଦ୍ଧାମଡ଼ଙ୍ଗ ପଞ୍ଚାୟତ ସଦରମହକୁମାରେ ତାଙ୍କର ଜମି ଜବରଦଖଲ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ବୃଦ୍ଧା ଜଟିଆ କମଳା(୬୨)। ସେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। କାଶୀନଗର ତହସିଲ ଅନ୍ତର୍ଗତ ସିଦ୍ଧାମଡଙ୍ଗ ମୌଜାରେ ପୁରଣା ଖାତା ନଂ.୧୩୫ ଏବଂ ନୂଆ ଖାତା ନଂ ୧୩୧/୧୮ ୬ରେ ଥିବା ତାଙ୍କ ଜାଗାକୁ ଗ୍ରାମର କିଛି ଖଳପ୍ରକୃତି ଲୋକେ ଜୋର ଜବରଦସ୍ତ ଅକ୍ତିଆର କରିନେଇଛନ୍ତି। ପୂର୍ବରୁ ସେ ବହୁ ଅଭିଯୋଗ କରି ଆସୁଥିଲେ



ମଧ୍ୟ କୌଣସି ସୁଫଳ ମିଳିନାହିଁ। ବହୁ ବର୍ଷ ପୂର୍ବରୁ ସିଦ୍ଧାମଡଙ୍ଗ ଗ୍ରାମରେ ଥିବା ଏକ ଖାଲି ସ୍ଥଳ ତାଙ୍କ ବାପାଙ୍କ ଦ୍ୱାରା ଦଖଲ ହୋଇଥିଲା। ଏହା ସରକାରୀ ସ୍ଥଳ ଯାହାକି ପୂର୍ବରୁ ହୋଇଥିବା ସର୍ବେକ୍ଷଣରେ ବାପାଙ୍କ ନାମରେ ପର୍ଚାଲ ନୋଟ ଦାଖଲ ହୋଇ ରହିଛି ବୋଲି ବୃଦ୍ଧା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଉକ୍ତ ସ୍ଥଳ ବାପାଙ୍କ ମୃତ୍ୟୁ ପରେ ତାଙ୍କ ଦଖଲରେ ରହି ଆସିଥିଲା। କିନ୍ତୁ ଗ୍ରାମର ଜାଡି ପ୍ରଧାନ ଏବଂ ସୀମାଞ୍ଚଳ ପ୍ରଧାନ କିଛି ଅସାମାଜିକ ଲୋକଙ୍କ ସହାୟତାରେ ରାଜସ୍ୱ କର୍ମୀଙ୍କୁ ଡରାଇ ଧମକାଇ ମିଥ୍ୟା ଦଲିଲ ପ୍ରସ୍ତୁତ କରି ଉକ୍ତ ସ୍ଥଳକୁ ନିଜ ନାମରେ କରାଇ ନେଇଛନ୍ତି। ଏହାସହ ତାଙ୍କୁ ଉକ୍ତ ସ୍ଥଳରୁ ହଟାଇ ଏକ ଗୃହ ନିର୍ମାଣ କରୁଛନ୍ତି। ତାଙ୍କ ଦଖଲରେ ଥିବା ସରକାରୀ ସ୍ଥଳକୁ ମଧ୍ୟ ନିଜ ନାମରେ କରାଇ ନେଇଛନ୍ତି। ସେ ଜଣେ ଅତ୍ୟନ୍ତ ନିଃସହାୟ ବରିଷ୍ଠ ମହିଳା। ତାଙ୍କ ନାମରେ କୌଣସି ଗୃହ ସମ୍ପତ୍ତି ପଟ୍ଟା ନାହିଁ। ଘଟଣାର ବିହିତ ତଦନ୍ତ କରି ଦୋଷୀଙ୍କ ନାମରେ ପଟ୍ଟାଦିତ ହୋଇଥିବା ଉକ୍ତ ସ୍ଥଳକୁ ଖାରଜ କରି ତାଙ୍କ ନାମରେ ପଟ୍ଟା ଦରଜ କରାଯିବାକୁ ବୃଦ୍ଧା ଜଣକ ଅନୁରୋଧ କରିଛନ୍ତି।

# ମୃତ ବଳରାମଙ୍କୁ ନ୍ୟାୟ ଦାବିରେ ଗ୍ରାମବାସୀଙ୍କ ବିକ୍ଷୋଭ

### ବିନାୟକ ହସ୍ପିଟାଲ ବନ୍ଦ ସହ ଡାକ୍ତରଙ୍କୁ ବହିଷ୍କାର ଦାବି






ବ୍ରହ୍ମପୁର, ୧୬।୭ (ସମିସ)

ଏମକେସିଜି ମେଡିକାଲ ଆଶୁ ଚିକିତ୍ସା ବିଭାଗରୁ ଘରୋଇ ହସ୍ପିଟାଲକୁ ଡାକ୍ତର ରୋଗୀ ଚାଲାଣ ଘଟଣାର ତଦନ୍ତ ଓ ଗୋଇଲୁଣ୍ଡି ସ୍ଥିତ ବିନାୟକ ହସ୍ପିଟାଲକୁ ବନ୍ଦ କରିବା ଦାବିରେ ବାଘଲଟି ଗ୍ରାମର ଶତାଧିକ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେହିପରି ମୃତ ବଳରାମ ଗୌଡ଼ଙ୍କ ପରିବାରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ରାଶି ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଡ଼ିନ ଓ ଅଧୀକ୍ଷକ କାର୍ଯ୍ୟାଳୟ ସମେତ ବିନାୟକ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦଲାଲୀରେ ସମ୍ପୃକ୍ତ ରହିଥିବା ଡାକ୍ତରଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ। ଏହା ସହ ମହମବତୀ ଜାଳି ନ୍ୟାୟ ମାଗିଥିଲେ। ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସମେତ ନ୍ୟାୟ ନ ଦିଆଗଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଉଗ୍ର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଗତ ୧୦ତାରିଖରେ ରଙ୍ଗେଇଲୁଣ୍ଡା ବ୍ଲକ ବାଘଲଟି ଗ୍ରାମର ବଳରାମ ଗୌଡ(୨୫) ଦିଗପହଣ୍ଡି ଥାନା ଅଞ୍ଚଳରେ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ତାଙ୍କୁ ପ୍ରଥମେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କାଜୁଆଲଟିରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏହା ପରେ ମେଡ଼ିକାଲର ଅସ୍ଥିଶଲ୍ୟ ବିଭାଗର ଜଣେ ଆସିଷ୍ଟାଣ୍ଟ ପ୍ରଫେସର ବଡ଼ ମେଡିକାଲରେ ଚିକିତ୍ସା ବିଳମ୍ବ ହେବ ବୋଲି ରୋଗୀଙ୍କ ସମ୍ପର୍କିୟଙ୍କୁ କହିଥିବା ସହ ସେ ଚିକିତ୍ସା କରୁଥିବା ଘରୋଇ ହସ୍ପିଟାଲକୁ ରୋଗୀଙ୍କୁ ନେବାକୁ କହିଥିଲେ। ଡାକ୍ତର କଥା ଶୁଣି ବଳରାମଙ୍କ ପରିବାର ପକ୍ଷରୁ ଗୋଇଲୁଣ୍ଡି ସ୍ଥିତ ବିନାୟକ ହସ୍ପିଟାଲ ଚିକିତ୍ସା ନିମନ୍ତେ ନେଇଥିଲେ। ସେଠାରେ ବଳରାମ ଅସ୍ତ୍ରୋପଚାର ବେଳେ ତାଙ୍କର ମୃତ୍ୟୁ ହୋଇଥିବା ମୃତ ରୋଗୀର ଭାଇ ଜଗନ୍ନାଥ ଗୌଡ଼ ଅଭିଯୋଗ କରିଥିଲେ।

● ମୋଟୁ ଅଞ୍ଚଳରେ ସାମ୍ବାଦିକଙ୍କୁ ହତ୍ୟା ଘଟଣା

## ଗଞ୍ଜାମ ଜିଲ୍ଲା ଡିଜିଟାଲ ମିଡ଼ିଆ ଆସୋସିଏସନର ବିକ୍ଷୋଭ



ବ୍ରହ୍ମପୁର, ୧୬।୭ (ସମିସ): ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡ଼ିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମାଲକାନାଗିରି ଜିଲ୍ଲା ମୋଟୁ ଥାନା ଅଞ୍ଚଳରେ ୱେବ୍ ଚ୍ୟାନେଲ ସାମ୍ବାଦିକ ସି.ଏଚ୍ ନରେଶଙ୍କ ହତ୍ୟା ଘଟଣାକୁ ନେଇ ଗଞ୍ଜାମ ଜିଲ୍ଲା ଡିଜିଟାଲ ମିଡ଼ିଆ ଆସୋସିଏସନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହତ୍ୟାର ଅନୁସନ୍ଧାନ, ହତ୍ୟାକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆସୋସିଏସନ୍ ପକ୍ଷରୁ ଦାବି କରାଯାଇଛି। ଏପରି ଘଟଣାକୁ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଦୃଢ଼ ନିନ୍ଦା କରିବା ସହ ମୃତ ସାମ୍ବାଦିକଙ୍କ ପରିବାରକୁ କ୍ଷତି ପୂରଣ ପ୍ରଦାନ କରିବା ଏବଂ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସୁରକ୍ଷା ଦେବା ପାଇଁ ଦାବିନେଇ ଆରଡ଼ିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭ ବେଳେ ଆସୋସିଏସନ୍ ସଭାପତି କୃଷ୍ଣଚନ୍ଦ୍ର ପାଳ, ସମ୍ପାଦକ ସଞ୍ଜୟ କୁମାର ଦାସ, ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡା, ବରିଷ୍ଠ ସାମ୍ବାଦିକ ରବିରଥ, ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ସୁଦୀପ ସାହୁ, ରାଜେଶ ସାହୁ, ପଦ୍ମ ଚରଣ ଦାସ, ବାଳକୃଷ୍ଣ ସାହୁ, ଜଟ ସାହୁ, ସୁରେଶ ବେହେରା, ହୃଷିକେଶ ପଣ୍ଡା, ଗୋପାଳକୃଷ୍ଣ ରେଡ୍ଡୀ, ଭୁନନ୍ଦନ କୃଷି ବିଶାରଦ, ମାନସ ରଞ୍ଜନ ପଟନାୟକ, ରାକେଶ ପାତ୍ର, ଅଜୟ କୁମାର ସ୍ୱାଇଁ ଓ କୃଷ୍ଣ ସାହୁଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

ଛାତ୍ରୀ ଆତ୍ମାହୂତି ଘଟଣା

## ଛାତ୍ର ଓ ଯୁବ କଂଗ୍ରେସର ବିକ୍ଷୋଭ




ଫୁଲବାଣୀ, ୧୬।୭ (ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମହୂତି ଘଟଣାରେ ଆଜି ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବହୁ ସଂଖ୍ୟାରେ କଂଗ୍ରେସ ନେତା ଓ କର୍ମୀଙ୍କ ସମେତ ଛାତ୍ରଛାତ୍ରୀ ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟସମ୍ମୁଖରେବିକ୍ଷୋଭପ୍ରଦର୍ଶନ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ପରେ ଦଳୀୟ ନେତା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଭେଟି ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ଆଲୋଚନା କରିଥିଲେ। ଯୁବ କଂଗ୍ରେସ ନେତା ଚନ୍ଦନ ପଣ୍ଡା ଓ ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଶେଖ ଅବଦୁଲ ସାକିରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଅନାମ ନାୟକ, ବରିଷ୍ଠ ନେତା ଘନକୁମାର ଶବର, ସୂର୍ଯ୍ୟକାନ୍ତ ଦାଶ, ବଳଦେବ ବେହେରା, ଗୌରଚରଣ ବେହେରାଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

● ଭୂତ ପ୍ଲଟ ବିକି ୬୭ ଲକ୍ଷ ଟଙ୍କା ଠକେଇ ମାମଲା

## ଜମି ମାଲିକ ଜଳନ୍ଧରଙ୍କୁ ଜାମିନ; ମଧ୍ୟସ୍ଥି ମନୋଜ ଏବେ ବି ଫେରାର

ବ୍ରହ୍ମପୁର, ୧୬।୭ (ସମିସ): ସର୍ବସାଧାରଣଙ୍କ ରାସ୍ତାକୁ ପ୍ଲଟ ଦର୍ଶାଇ ଠକେଇ କରିଥିବା ଅଭିଯୋଗରେ ଗିରଫ ହୋଇଥିବା ଗାନ୍ଧିନଗର ଅଞ୍ଚଳର ଜମି ମାଲିକ ଜଳନ୍ଧର ଦଳେଇଙ୍କୁ ସ୍ଥାନୀୟ ଏସ୍‌ଡିଜେଏମ କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ ଏହି ମାମଲାରେ ଜଳନ୍ଧରଙ୍କ ପତ୍ନୀ ରୀତା ଦଳେଇ ଓ ଅନ୍ୟଜଣେ ମଧ୍ୟସ୍ଥି ସଞ୍ଜୀବ ରତନଙ୍କୁ କୋର୍ଟରୁ ଜାମିନ ମିଳିସାରିଛି। ଘଟଣାରେ ଗିରଫ ହୋଇଥିବା ସମସ୍ତ ୩ଜଣଙ୍କୁ ଇତି ମଧ୍ୟରେ କୋର୍ଟରୁ ଜାମିନ ମିଳି ସାରିଥିବା ବେଳେ ଘଟଣାରେ ସମ୍ପୃକ୍ତ ତଥା ଅନ୍ୟତମ ମଧ୍ୟସ୍ଥି ମନୋଜ କୁମାର ପଣ୍ଡା ବର୍ତ୍ତମାନ ସୁଦ୍ଧା ଫେରାର ରହିଛନ୍ତି।

ପ୍ରକାଶ ଯେ' ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ଅଞ୍ଚଳରେ ଏକ ପ୍ଲଟ କାରବାରରେ ଠକେଇର ଶିକାର ହୋଇଥିବା ନେଇ ମିଳନ କୁମାର ଅଭିଯୋଗ କରିଥିଲେ। ଏହି ଜମି କାରବାରରେ ସେ ପ୍ରାୟ ୬୭ଲକ୍ଷ ଟଙ୍କା ଠକେଇ ହୋଇଥିବା ଦର୍ଶାଇଥିଲେ। ତେବେ ମୋଟ ୧୫୭ଡେସିମିଲ ବିଶିଷ୍ଟ ପ୍ଲଟରୁ ୨୦୨୧ମସିହାରେ ଜଳନ୍ଧର ଦଳେଇ ଜମିର ପ୍ରକୃତ ମାଲିକଙ୍କ ଠାରୁ ୪୨ଡେସିମିଲ ଏବଂ ଅନ୍ୟଜଣେ ବ୍ୟକ୍ତି ୨୦୦୩ମସିହାରେ ୪୫ଡେସିମିଲ ଜମି କ୍ରୟ କରିଥିବା ଦଲିଲରୁ ସ୍ପଷ୍ଟ ହେଉଥିବା ଜଳନ୍ଧରଙ୍କ ଓକିଲ ଦର୍ଶାଇଛନ୍ତି। ଏପରିକି ଜଳନ୍ଧର କ୍ରୟ କରିଥିବା ୪୨ଡେସିମିଲ ଜମିର ପଟ୍ଟା ମଧ୍ୟ ତାଙ୍କ ନାମରେ ହୋଇସାରିଛି। ଉକ୍ତ ଜମିକୁ ସେ ୨୦୨୫ରେ ମିଳନଙ୍କୁ ବିକ୍ରି କରିଥିଲେ। ଏଣୁ ଜଳନ୍ଧର କୌଣସି ପ୍ରକାରେ ଠକେଇ କରିନଥିବା ଜଳନ୍ଧରଙ୍କ ଓକିଲ କୋର୍ଟରେ ନିଜର ଯୁକ୍ତି ବାଢ଼ିଥିଲେ। ଜମିଜମା ସଂକ୍ରାନ୍ତୀୟ ଆବଶ୍ୟକ ନଥିପତ୍ର ଦେଖି କୋର୍ଟ ସନ୍ତୋଷ ପ୍ରକାଶ କରି ଜଳନ୍ଧରଙ୍କୁ ଜାମିନ ପ୍ରଦାନ କରିଥିବା ତାଙ୍କ ଓକିଲ ନୃସିଂହ ମିଶ୍ର, ଶିବରାମ ପାତ୍ର ଓ ସୁଧୀର ମିଶ୍ର ସୂଚନା ଦେଇଛନ୍ତି।

## ଛାତ୍ରଛାତ୍ରୀ ଓ ଯୁବ କଂଗ୍ରେସର ବିକ୍ଷୋଭ




ପାରଳାଖେମୁଣ୍ଡି, ୧୬।୭ (ସମିସ): ବାଲେଶ୍ୱରର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣା ପ୍ରତିବାଦରେ ପାରଳାଖେମୁଣ୍ଡିରେ ଛାତ୍ରଛାତ୍ରୀ ଓ ଯୁବ କଂଗ୍ରେସ ପକ୍ଷରୁ ପୃଥକ ଭାବେ ଏସ୍‌କେସିଜି ସ୍ୱୟଂ ଶାସିତ ମହାବିଦ୍ୟାଳୟ ସାମ୍ନା ଓ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଘଟଣାର ନ୍ୟାୟିକ ତଦନ୍ତ ଦାବି କରି ଆତ୍ମହତ୍ୟା ପଛରେ ଯେଉଁ ରହିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛି କଂଗ୍ରେସ। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମୃତ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ମିଳିବ ବୋଲି ଛାତ୍ରଛାତ୍ରୀ କହିଛନ୍ତି।

ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

## ଚୋରାମଦ କାରବାର ଓ ସଡ଼କ ଦୁର୍ଘଟଣା ରୋକିବାକୁ ଗୁରୁତ୍ୱ

ଛତ୍ରପୁର, ୧୬।୭ (ସମିସ)

ଗଞ୍ଜାମ ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ବେଆଇନ ମଦ କାରବାର, ଚୋରାଚାଲାଣ ରୋକିବାକୁ ଏକ ଏନଫୋର୍ସମେଣ୍ଟ ଟିମ ଗଠନ କରି ଚଢାଉକୁ ଜୋରଦାର କରିବାକୁ କୁହାଯାଇଛି। ସେହିପରି ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ଆର୍‌ଟିଓଙ୍କ ପକ୍ଷରୁ ଅଧିକରୁ ଅଧିକ ଏନ୍‌ଫୋର୍ସମେଣ୍ଟ କରିବାକୁ କୁହାଯାଇଥିଲା। ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କ ନାମରେ ପଟ୍ଟା ସଂଶୋଧନ ପ୍ରକ୍ରିୟା ଜାରି ରହିଛି। ୬୯ ହଜାର ୬୨୩ ଟି ପଟ୍ଟା ସଂଶୋଧନ ପାଇଁ ସର୍ଭେ ହୋଇଥିବା ବେଳେ ୩୧ ହଜାର ୨ ପଟ୍ଟା ସଂଶୋଧନ ହୋଇସାରିଥିବା ବେଳେ ବଳକା ତୁରନ୍ତ କରିବାକୁ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ୯ ତହସିଲ ଅଧିନରେ ୨୩ଟି ଗ୍ରାମରେ ହାଇଟେକ ସର୍ଭେ ଚାଲିଛ, ତାହା ଏକ ଏଜେନ୍ସି ଜରିଆରେ କରାଯାଉଛି ତୁରନ୍ତ ସାରିବାକୁ ତହସିଲଦାର ମାନଙ୍କୁ ଜିଲ୍ଲାପାଳ କହିଥିଲେ। ସେହିପରି ବସୁଧା ଯୋଜନା ସମ୍ପର୍କରେ ଆଲୋଚନା



ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇ ନିଜସ୍ୱ ଜମିପଟ୍ଟା ନଥିବାରୁ ଘର ନିର୍ମାଣ କରିପାରୁନଥିଲା। ୧୧୧ ଜଣ ଯୋଗ୍ୟ ହିତାଧିକାରୀ ରହିଥିବା ବେଳେ ୨୫ ଜଣକୁ ଜମି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୮୬ ଜଣକୁ ପଟ୍ଟା ତୁରନ୍ତ ପ୍ରଦାନ କରାଯିବ। ଜିଲ୍ଲାରେ ୭୯୮ଟି ପ୍ରାଥମିକ ବିଦ୍ୟାଳୟକୁ ନିଜସ୍ୱ ଜମି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଆହୁରି ୬୮ ୭ ପଟ୍ଟା ପାଇଁ ପ୍ରକ୍ରିୟାଧିନ ରହିଛି। ସେହିପରି ହାଇସ୍କୁଲ ଓ ଯୁକ୍ତ ସ୍ତରରେ ୪୧୦ଟି ସ୍କୁଲକୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୭୨ଟି ପ୍ରକ୍ରିୟାଧିନ ରହିଛି ଓ ଡିଗ୍ରୀ କଲେଜରେ ୩୨ ଜଣକୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୪ଟି ପ୍ରକ୍ରିୟାଧିନ ରହିଛି। ୩୫ ହଜାର ଗ୍ରାମକଣ୍ଟକ ପଟ୍ଟା ଫଇସଲା କରି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ୮୦ଟି ପଡ଼ା ଗ୍ରାମରୁ ନୂଆ ରାଜସ୍ୱ ଗ୍ରାମ ଚିହ୍ନଟ ହୋଇଥିବା ତାହା ଅନୁମୋଦିତ ହୋଇଥିବାରୁ ସେଗୁଡିକ ଭୁଲେଖ ଅପ୍‌ଲୋଡ କରିବାକୁ କୁହାଯାଇଛି। ସହରାଞ୍ଚଳ ହେଉ ବା ଗ୍ରାମାଂଚଳ ହେଉ ଯିଏ ବି ସରକାରୀ ଜମି ଜବଲଦଖଲ କରି ରଖିଛନ୍ତି ତୁରନ୍ତ ତାହା ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ବେବନ୍ଦୋବସ୍ତ ଥିବା ଜମିକୁ ବନ୍ଦୋବସ୍ତ କରିବାକୁ ବୈଠକରେ କୁହାଯାଇଥିଲା। ଯେତେସବୁ ମିସ୍‌କେଶ ସାର୍ଟିଫିକେଟ ଆସୁଛି ତୁରନ୍ତ ପ୍ରଦାନ କରିବାକୁ କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲ୍ଲପାଳ ଧୀନା ଦସ୍ତାଗିର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ସମେତ ସମସ୍ତ ତହସିଲଦାରଙ୍କ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପଦାସାହି ଶ୍ରୀରାମ ମନ୍ଦିରକୁ ପକ୍କା ରାସ୍ତା ନିର୍ମାଣ ଦାବି



ଜି.ଉଦୟଗିରି, ୧୬।୭ (ସମିସ): ଜି.ଉଦୟଗିରି ପଦାସାହି ନିକଟସ୍ଥ ଶ୍ରୀରାମ ମନ୍ଦିର ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ହେବାକୁ ଯାଉଥିବା ବେଳେ ଦିନକୁ ଦିନ ଗହଳି ବଢ଼ିବାରେ ଲାଗିଛି। ଅସ୍ଥାୟୀ ମନ୍ଦିରରେ ନିୟମିତ ଭାବେ ଆଳତୀ ହେବା ସହିତ ପୂଜା ସହ ରାମ ନବମୀ, ପ୍ରତି ସଂକ୍ରାନ୍ତିରେ ହୋମ, ନାମଯଜ୍ଞ, ଘୃତ ଯଜ୍ଞ, ଅନ୍ନଯଜ୍ଞ ଆୟୋଜନ ହେଉଛି। ଏଥିରେ ଶହଶହ ଲୋକେ ସାମିଲ ହେଉଛନ୍ତି। କିନ୍ତୁ ପଦାସାହି ମୁଖ୍ୟ ରାସ୍ତାରୁ ଏକ କିମି ରାସ୍ତା କଚା ରାସ୍ତା ରହିଥିବାରୁ ଲୋକେ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଲୋକଙ୍କ ସୁବିଧା ଦୃଷ୍ଟିରୁ ଏନଏସି ତରଫରୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି।

